୦୯ ନଭେମ୍ବର ୨୦୨୫ ରବିବାର

ସମୟ




# କ୍ରୀଡ଼ା ଗୌରବ










ଭାରତୀୟ ମହିଳା କ୍ରିକେଟ୍ ଦଳ ପୂର୍ବରୁ ଦୁଇ ଥର ଫାଇନାଲ୍ ଖେଳିଥିଲେ ମଧ୍ୟ ସେଠାରେ ଝୁଣ୍ଟି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା । ଏଥର ଏହି ବାଧାକୁ ସଫଳତାର ସହ ଦୂର କରି ପ୍ରଥମ ଥର ବିଶ୍ୱକପ୍ ଜିତିବା ସମଗ୍ର ଭାରତବର୍ଷକୁ ଗର୍ବିତ କରିଛି । ଭାରତୀୟ କ୍ରିକେଟ୍ ଇତିହାସରେ ହରମନପ୍ରୀତ କୈାରଙ୍କ ସେନାର ଏହି ଅସାଧାରଣ ସଫଳତା ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଯାଇଛି । ସମଗ୍ର ଦେଶ ବି ଉତ୍ସବ ମୁଖର ହୋଇଛି । କ୍ରିକେଟ୍ ଆତସବାଜି ଓ ନାଚ ଗୀତରେ ମହିଳା ଦଳର ଏହି ମହାନ ବିଜୟକୁ ପାଳନ କରିଛନ୍ତି ।

ଭାରତୀୟ ମହିଳା ଦଳର ବିଶ୍ୱ ବିଜୟ ଯାତ୍ରା କିନ୍ତୁ ଥିଲା ବେଶ ବନ୍ଧୁର । ୧୯୭୮ ମସିହାରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦିନିକିଆ ଖେଳିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ସେହିବର୍ଷର ବିଶ୍ୱକପରେ ପଦାର୍ପଣ କରି ଚାରିଟି ଦଳ ମଧ୍ୟରେ ସବାଶେଷ ସ୍ଥାନରେ ରହିଥିଲା । ୧୯୮୨ରେ ଚତୁର୍ଥ, ୧୯୯୭ରେ ସେମିଫାଇନାଲ୍ , ୨୦୦୦ରେ ସେମିଫାଇନାଲ୍, ୨୦୦୫ରେ ଉପବିଜେତା , ୨୦୦୯ରେ ତୃତୀୟ, ୨୦୧୩ରେ ସପ୍ତମ, ୨୦୧୭ରେ ଉପବିଜେତା, ୨୦୨୨ରେ ସପ୍ତମ ସ୍ଥାନରେ ରହିବା ପରେ ଚଳିତବର୍ଷ ବିଜେତା ହେବାର ଗୌରବ ଲାଭ କରିଛି । ମିତାଲି ରାଜଙ୍କ ନେତୃିତବରେ ୨୦୦୫ ଏବଂ ୨୦୧୭ରେ ଦୁଇ ଥର ଫାଇନାଲ୍ ଖେଳି ଭାରତ ଯାହା କରି ପାରି ନଥିଲା, ୨୦୨୫ରେ ହରମନପ୍ରୀତ ନେତୃତ୍ୱରେ ଭାରତୀୟ ଦଳ ତାହା କରି ଦେଖାଇଛି । ସେଥିପାଇଁ ରାତିକ ଭିତରେ ଭାରତରେ ମହିଳା କ୍ରିକେଟର ମାନ ସମ୍ମାନ ଯେମିତି ଆକାଶ ଛୁଇଁଛି । ଏକ ନବୀନ

**ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱକପ୍ ଟୋଲି ଧରିବାର ଅପୂର୍ବ ଦୃଶ୍ୟ ୧୪୫ କୋଟି ଭାରତୀୟଙ୍କ ହୃଦୟକୁ ହର୍ଷଉଲ୍ଲାସରେ ଭରି ଦେଇଥିଲା । ମହିଳା କ୍ରିକେଟ୍ ପାଇଁ ଏହା ପୁରୁଷ କ୍ରିକେଟର '୧୯୮୩ ମସିହା'ର ଐତିହାସିକ ଭଳି ଥିଲା । ୧୯୮୩ରେ କପିଳ ଦେବଙ୍କ ସ୍ୱଳ୍ପ ପରିଚିତ ଦଳ ବିଶ୍ୱକପ୍ ଜିତିବା ଯେଭଳି ଭାବେ ଭାରତୀୟ ପୁରୁଷ କ୍ରିକେଟରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ୨୦୨୫ର ଏହି ସ୍ମରଣୀୟ ବେଳା ମଧ୍ୟ ଠିକ୍ ସେହିଭଳି ଭାରତୀୟ ମହିଳା କ୍ରିକେଟରେ ନୂଆ ମୋଡ଼ ଆଣିବ ବୋଲି ଆଶା କରାଯାଉଛି ।**







ଓ ଜାଜ୍ୱଲ୍ୟମାନ ଯୁଗର ନିଅଁ ପଡ଼ିଛି ।

## ଅମୂଲ୍ୟ ଅବଦାନ

କଥାରେ ଅଛି ସ୍ୱପ୍ନ କେବେ ମରେନାହିଁ । ସୁନ୍ଦର ସ୍ୱପ୍ନର ମୃତ୍ୟୁ ନାହିଁ କି ଦେଶ ପାଇଁ ଦେଖାଯାଉଥିବା ସ୍ୱପ୍ନର ଶେଷ ନାହିଁ । ଆଜି ନହେଲେ ବି କାଲି, ସ୍ୱପ୍ନ ସତ ହେବ । ସ୍ୱପ୍ନ ସତ ହେବାକୁ ସମୟ ଲାଗେ । କାହାର ସ୍ୱପ୍ନ ଶୀଘ୍ର ସତ ହୁଏ ତ କାହାର ବିଳମ୍ବରେ । କିନ୍ତୁ ସ୍ୱପ୍ନ ପାଇଁ ଶ୍ରମ ଥିଲେ ତାହା ନିଶ୍ଚୟ ଫଳପ୍ରସୂ ହୁଏ । ଯାହାର ଉଦାହରଣ ହେଉଛନ୍ତି ୨ୟ ତେନ୍ଦୁଲକର ଭାବେ ପରିଚିତ ଅମୋଲ ମଜୁମଦାର । ସଚିନଙ୍କୁ ତାଲିମ ଦେଇଥିବା କୋଚ ବି ହେଉଛନ୍ତି ଅମୋଲଙ୍କ ପ୍ରଶିକ୍ଷକ । ଫାଷ୍ଟ କ୍ଲାସ କ୍ରିକେଟରେ ୧୧,୦୦୦ରୁ ଅଧିକ ରନ, ୩୦ ଶତକ, ୬୦ ଅର୍ଦ୍ଧଶତକ ଏପରି ଅନେକ ଅତୁଟ ରେକର୍ଡ ଥାଇ ବି ସେ ସଚିନଙ୍କ ପରି ଖ୍ୟାତି ଅର୍ଜନ କରି ପାରିନଥିଲେ । ଏତେ ଗୁଣ ଥାଇ ବି ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଦେବାର ସୁଯୋଗ ପାଇ ନଥିଲେ ।

## କାନ୍ଦି ପକାଇଲେ ରୋହିତ୍

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଭାରତ ପ୍ରଥମ ଥର ବିଜେତା ହୋଇ ଐତିହାସିକ ସଫଳତା ପାଇଛି । ଭାରତର ମହିଳା କ୍ରିକେଟ୍ ଦଳ ଦ.ଆଫ୍ରିକାକୁ ପରାସ୍ତ କରି ୫୨ ବର୍ଷର ମହିଳା କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଯାହା ହୋଇ ନଥିଲା ତାହା କରି ଦେଖାଇଥିଲା । ବ୍ୟାଟିଂ ପରେ ଦକ୍ଷିଣ ଆଫ୍ରିକାକୁ ୨୯୯ରନର ଲକ୍ଷ୍ୟ ଦେଇଥିଲା ଭାରତ । ହେଲେ ୪୫.୩ ଓଭରରେ ୨୪୬ ରନ କରି ଦକ୍ଷିଣ ଆଫ୍ରିକା ଅଲଆଉଟ୍ ହୋଇଯାଇଥିଲା । ଭାରତୀୟ ମହିଳା ଦଳ ରୋମାଞ୍ଚକ ଭାବେ ପ୍ରଥମ ଥର ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ବିଶ୍ୱକପ୍ ହାତେଇ ନେଇଥିଲା । ଏହି ଐତିହାସିକ ସଫଳତା ପରେ ଷ୍ଟାଡିୟମରେ ଉପସ୍ଥିତ ଥିବା ପ୍ରତିଟି ଭାରତୀୟଙ୍କ ଆଖିରେ ଖୁସିର ଲୁହ ଦେଖିବାକୁ ମିଳିଥିଲା ।



ଏହି ସମୟରେ ଭାରତୀୟ ଦଳକୁ ସମର୍ଥନ କରିବାକୁ ପହଞ୍ଚିଥିବା ଷ୍ଟାର କ୍ରିକେଟର ରୋହିତ୍ ଶର୍ମାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା । ଯେତେବେଳେ ହରମନପ୍ରୀତ କୈର୍ ଶେଷ୍ କ୍ୟାଚ୍ ଧରିଥିଲେ, ଏହି ଦୃଶ୍ୟ ଦେଖି ରୋହିତ ଖୁସିରେ ଭାବ ବିହ୍ୱଳ ହୋଇ ଯାଇଥିଲେ । ତାଙ୍କ ଆଖିରେ ସେହି ଖୁସିର ଲୁହ ଷ୍ଟାଡିୟମ କ୍ୟାମେରାରେ କଏଦ ହୋଇଥିଲା, ଯାହା ଭାଇରାଲ ହୋଇଛି । ଭାରତର ଏହି ସଫଳତା ଭାରତୀୟଙ୍କୁ ଖୁସି କରାଇଥିବା ବେଳେ ଶତ୍ରୁ ଦେଶ ପାକିସ୍ତାନ ମଧ୍ୟ ଏହି ସଫଳତା ଦେଖି ଖୁସି ବ୍ୟକ୍ତ କରିଛି । ସେଠାକାର କିମ୍ବଦନ୍ତୀ ପୂର୍ବତନ କ୍ରିକେଟରମାନେ ଟିମ୍ ଇଣ୍ଡିଆକୁ ପ୍ରଶଂସା କରିବା ସହ ନିଜ ଦେଶର ଦଳକୁ ଶିଖିବାକୁ ପରାମର୍ଶ ଦେଇଛନ୍ତି ।

## ବ୍ୟାଟିଂ, ବୋଲିଂ, ଫିଲ୍ଡିଂରେ କମାଲ

ପୂର୍ବତନ ପାକିସ୍ତାନ ଅଧିନାୟକ ଓ୍ୱସିମ ଅକ୍ରମ ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି, ସେମାନେ ଖେଳରେ ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ବ୍ୟାଟିଂ ହେଉ, ବୋଲିଂ ହେଉ, କିମ୍ବା ଫିଲିଂ ହେଉ, ସେମାନେ ତିନୋଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟଟି ଟିମ୍ ଇଣ୍ଡିଆ ବନାମ ବିଶ୍ୱର ଅନ୍ୟ ଦଳ ଥିଲା ।

## ବିସିସିଆଇ ଦେଲା ମୋଟା ବୋନସ୍

ଭାରତୀୟ ମହିଳା ଦଳ ବିଶ୍ୱକପ୍ ଜିତିବା ପରେ ବିସିସିଆଇ ୫୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି । ପୂର୍ବରୁ ଭାରତୀୟ ପୁରୁଷ ଦଳକୁ ଗତବର୍ଷର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ ବେଳେ ମିଳିଥିବା ୧୨୫ କୋଟି ଟଙ୍କା ଦିଆଯିବ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଥିଲେ । ତେବେ ବିସିସିଆଇ ଭାରତୀୟ ମହିଳା ଦଳକୁ ୫୧ କୋଟି ଟଙ୍କାର ବୋନସ୍ ମିଳିବ ବୋଲି ଅନୁଷ୍ଠାନିକ ଘୋଷଣା କରିଛି । ଭାରତୀୟ ମହିଳା ଦଳ ମଧ୍ୟ



ବିଜେତା ଭାବେ ଆଇସିସିଠାରୁ ପାଖାପାଖି ୪୦ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପାଇବ । ଯାହା ହେଉଛି ମହିଳା କ୍ରିକେଟ୍ ବିଶ୍ୱକପ୍ ଇତିହାସର ସର୍ବାଧିକ ପୁରସ୍କାର ରାଶି । ଖେଳାଳିଙ୍କୁ ମଧ୍ୟ ବହୁ ପ୍ରତିଷ୍ଠିତ ବ୍ରାଣ୍ଡ ସେମାନଙ୍କ ବିଜ୍ଞାପନରେ ଅଭିନୟ କରିବାକୁ ଏବେଠାରୁ ପ୍ରସ୍ତାବ ଦେବା ଆରମ୍ଭ କରିସାରିଥିବା ଜଣାପଡ଼ିଛି ।



## ସଫଳ ନାରୀ ପଛରେ ପୁରୁଷ

ଅନ୍ୟମାନଙ୍କୁ ସଫଳ ହେବାର ଦେଖି ସେ ନିଜ ଉପରୁ ଭରସା ଭୁଲି ନଥିଲେ । ଅବସର ନେବାର ୧୦ ବର୍ଷ ପରେ ସେହି କ୍ରିକେଟର ଜଣଙ୍କ ବିଶ୍ୱବିଜୟୀ ଭାରତୀୟ ଦଳର ଜର୍ସି ପିନ୍ଧିବାର ସୌଭାଗ୍ୟ ଅର୍ଜନ କଲେ । ମାତ୍ର ଖେଳାଳି ଭାବେ ନୁହେଁ ବରଂ କୋଚ୍ ଭାବେ । ବାସ୍ ସେହି କୋଚ୍ ହେବା ହିଁ ତାଙ୍କ ଭାଗ୍ୟ ବଦଳାଇ ଦେଲା । ସିଏ ଜଣେ ପୁରୁଷ ଭାବେ ମହିଳା କ୍ରିକେଟ୍ ଦଳକୁ ବିଶ୍ୱ ବିଜୟୀ କରିପାରିଲେ । କୁହାଯାଏ ସବୁ ସଫଳ ପୁରୁଷ ପଛରେ ଜଣେ ମହିଳାଙ୍କ ହାତ ଥାଏ ମାତ୍ର ବିଶ୍ୱକପ୍ ବିଜୟର ସେ ସଫଳତା ଭିନ୍ନ କିଛି କହେ- ସଫଳ ମହିଳାଙ୍କ ପଛରେ ଜଣେ ପୁରୁଷ ହାତ ରହିଛି - ଆଉ ସେ ପୁରୁଷ ଜଣଙ୍କ ସ୍ୱପ୍ନ ମହଲର ମହାନାୟକ ଅମୋଲ ମଜୁମଦାର ।

କ୍ରିକେଟ୍ ଜୀବନରେ ସେ ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ଥିଲେ । ଭାରତୀୟ ଘରୋଇ କ୍ରିକେଟରେ ଜଣେ ପ୍ରଭାବୀ ବ୍ୟାଟର୍ ଥିଲେ । ୧୭୧ ପ୍ରଥମ ଶ୍ରେଣୀ ମ୍ୟାଚରେ ୩୦ ଶତକ ସହାୟତାରେ ୧୧,୧୬୭ ରନ୍ କିଛି କମ୍ ବଡ଼ ଉପଲବ୍ଧି ନୁହେଁ । କିନ୍ତୁ ଭାରତୀୟ ଟେଷ୍ଟ୍ ଦଳ ପାଇଁ ଖେଳିପାରି ନଥିଲେ । ଏହାର କାରଣ ହେଲା ସେ ଏକ ଖରାପ ସମୟରେ ଜନ୍ମଗ୍ରହଣ କରିଥିଲେ । ଭାରତୀୟ କ୍ରିକେଟରେ ଯେତେବେଳେ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼, ଭିଭିଏସ୍ ଲକ୍ଷ୍ମଣ, ସୌରଭ ଗାଙ୍ଗୁଲିଙ୍କ ଉନ୍ମେଷ ହୋଇଥିଲା ସେତେବେଳେ ଅମୋଲଙ୍କ ପାଇଁ ବାଟ ନଥିଲା । ଏପରିକି ସ୍କୁଲ୍ ଜୀବନରେ ବି ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲୀଙ୍କ ଯୋଡ଼ି ଏତେ ଲମ୍ବା ଲମ୍ବା ଭାଗୀଦାର କରୁଥିଲେ ଯେ ଅମୋଲଙ୍କୁ ଡ୍ରେସିଂ ରୁମରେ ଦିନ ତମାମ ପ୍ୟାଡ୍ ପରିଧାନ କରି ବସିବାକୁ ପଡୁଥିଲା ।

ତଥାପି ଲଢୁଆ ଚରିତ୍ରର ଅମୋଲ ଘରୋଇ କ୍ରିକେଟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଛାଡ଼ିଯାଇଥିଲେ । ଅବସର ପରେ କ୍ରିକେଟଠାରୁ ଦୂରେଇଯାଇ ନଥିଲେ । ପ୍ରଶିକ୍ଷଣକୁ ପେସା ଓ ନିଶା କରିନେଇଥିଲେ । ତେବେ ଖେଳାଳି ଜୀବନରେ ଅନ୍ତର୍ଜାତୀୟ ଖେଳିବା ଓ ବଡ଼ ଉପଲବ୍ଧି ଅର୍ଜନ କରିବାର ଅବସୋସ ତାଙ୍କୁ ଭିତରେ ଭିତରେ ଅସ୍ତବ୍ୟସ୍ତ କରୁଥିଲା । ମଝିରାତିରେ ହରମନପ୍ରୀତ କୌର୍ ଯେତେବେଳେ ନାଦିନ ଡି'କ୍ଲର୍କଙ୍କ କ୍ୟାଚ୍ ନେଇ ନଭି ମୁମ୍ବାଇର ଡିଓ୍ୱାଇ ପାଟିଲ୍ ଷ୍ଟାଡିୟମରେ ମାଟିର ଇଗଲ୍ ଭଳି ଘୁରି ବୁଲିଥିଲେ ଅମୋଲଙ୍କଠାରୁ ସମ୍ଭବତଃ ଅଧିକ କେହି ଖୁସି ହୋଇ ନଥିବେ ।







ଭାରତୀୟ ମହିଳା କ୍ରିକେଟ୍ ଦଳର ଅର୍ଦ୍ଧଶତାବ୍ଦୀର ସ୍ୱପ୍ନକୁ ସାକାର କରିବାରେ ଅମୋଲଙ୍କ ଅବଦାନ ଏବେ ଚାରିଆଡ଼େ ଚର୍ଚ୍ଚା । ୨୦୨୩ରେ ଦାୟିତ୍ୱ ନେଇଥିବା ଅମୋଲ ବରିଷ୍ଠ ଓ କନିଷ୍ଠ ଖେଳାଳିଙ୍କୁ ଏକାଠି କରି ସେମାନଙ୍କଠାରୁ ଶ୍ରେଷ୍ଠ ବାହାର କରିବାରେ ବଡ଼ ବିନ୍ଧାଣୀ ହୋଇଛନ୍ତି । ଫଳରେ ପ୍ରଥମ ଥର ପାଇଁ ଅମୋଲଙ୍କ ତତ୍ତ୍ୱାବଧାନରେ ମହିଳା ଦଳ ବିଶ୍ୱକପ୍ ଜିତି ଭାରତୀୟ କ୍ରୀଡ଼ାରେ ନୂଆ ଫର୍ଦ୍ଦ ଯୋଡ଼ିଛ । ଭାରତୀୟ କ୍ରିକେଟ୍ ଇତିହାସରେ ତୃତୀୟ ପ୍ରଶିକ୍ଷକ ଭାବେ ବିଶ୍ୱକପ୍ ଆଣିଦେଇଛନ୍ତି । ୨୦୧୧ରେ ଗ୍ୟାରି କର୍ଷ୍ଟେନ (ଦିନିକିଆ ବିଶ୍ୱକପ୍) ଏବଂ ୨୦୨୪ରେ ରାହୁଲ ଦ୍ରାବିଡ଼ (ଟି-୨୦ ବିଶ୍ୱକପ୍) ଏଭଳି କ୍ଲବ ଥିଲେ । ୧୯୮୩ କପିଳ ଦେବଙ୍କ ବିଶ୍ୱକପ୍ ବିଜୟ ବେଳେ ପ୍ରଶିକ୍ଷକ ବ୍ୟବସ୍ଥା ନଥିଲା । ୨୦୦୭ରେ ମହେନ୍ଦ୍ର ସିଂହ ଧୋନିଙ୍କ ବିଶ୍ୱକପ୍ ବିଜୟ ବେଳେ ଲାଲଚାନ୍ଦ ରାଜପୁତ କେବଳ ପ୍ରବନ୍ଧକ ଥିଲେ ।

ହରମନପ୍ରୀତଙ୍କ ଶେଷ ସ୍ୱର୍ଣ୍ଣ କ୍ୟାଚ୍ ପରବର୍ତ୍ତୀ ୫ ମିନିଟ୍ କ'ଣ ଘଟିଗଲା ମୁଁ ଜାଣିପାରିଲିନାହିଁ । ମୁଁ କେବଳ ଡଗ୍ ଆଉଟକୁ ଚାହିଁ ରହିଥିଲି । ଏହି ୫ ମିନିଟ୍ ମୋତେ କିଛି ବି ଦିଶି ନଥିଲା'ଏଭଳି କହିଛନ୍ତି ଅମୋଲ । ଚଳିତ ବିଶ୍ୱକପରେ ଭାରତ ଲଗାତାର ଭାବେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ହାରି ଅଲୋଡ଼ା ହ୍ୟାଟ୍ରିକ୍ କରିବା ପରେ ଅମୋଲ ଖେଳାଳିଙ୍କୁ କହିଥିଲେ ""ଏସବୁ ପରାଜୟକୁ ଦେଖ ନାହିଁ । ତୁମେ ମ୍ୟାଚ୍ ହାରିନାହଁ, କେବଳ ବିଜୟରେଖାକୁ ଅତିକ୍ରମ କରିପାରିନାହିଁ ।










ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଅମନଜୋତ୍ କୌରଙ୍କ ପାଇଁ ଜେମିମା ରଡ୍ରିଗ୍ସଙ୍କୁ ବାଦ୍ ଦେବା ଗତ ୬ ସପ୍ତାହର ସବୁଠାରୁ କଠୋର ନିଷ୍ପତ୍ତି ଥିଲା ବୋଲି ସେ ସ୍ୱୀକାର କରିଥିଲେ ।

## ଟ୍ରଫିର ଟାଟୁ

ନଭି ମୁମ୍ବାଇର ଡିଓ୍ୱାଇ ପାଟିଲ ଷ୍ଟାଡିୟମରେ ଖେଳାଯାଇଥିବା ଟାଇଟଲ ମୁକାବିଲାରେ ୫୨ ବର୍ଷର ଅପେକ୍ଷା ପରେ ଭାରତୀୟ ଦଳ ଶେଷରେ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱ ଚାମ୍ପିଅନ ହୋଇଛି । ୨୦୨୫ ବିଶ୍ୱକପ୍ ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରିଥିଲା ।

ଏହି ବିଜୟ ପରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ହରମନପ୍ରୀତ କୌର ତାଙ୍କ ଜୀବନରେ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି । ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ୨୦୨୫ ମହିଳା ବିଶ୍ୱକପ୍ ଜିତି ଇତିହାସ ରଚିଛି । ଏହି ମୁହୂର୍ତ୍ତକୁ ଜୀବନ୍ତ ରଖିବା ପାଇଁ ହରମନପ୍ରୀତ କୌର ତାଙ୍କ ହାତରେ ବିଶ୍ୱକପ୍ ଟ୍ରଫି ଟାଟୁ ଆଙ୍କିଛନ୍ତି ।

## ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରହିଥିବ ଟାଟୁ: ହରମନପ୍ରୀତ

ହରମନପ୍ରୀତ କୌର ଟାଟୁର ଏକ ଫଟୋ ସେୟାର କରି ବିଶ୍ୱକପ୍ ଟ୍ରଫି ବିଷୟରେ ଲେଖିଛନ୍ତି, ମୋ ଚର୍ମରେ ଏବଂ ମୋ ହୃଦୟରେ ସବୁଦିନ ପାଇଁ ଏହା ଖୋଦିତ ହୋଇ ରହିଗଲା । ମୋର ଖେଳ ଜୀବନ ଆରମ୍ଭ ହେବା ଦିନଠାରୁ ମୁଁ ତୁମକୁ ଅପେକ୍ଷା କରି ରହିଥିଲି । ଏହି ଟାଟୁ ମୋ ସହ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରହିଥିବ । ମୁଁ ଟାଟୁ ମାଧ୍ୟମରେ ବିଶ୍ୱକପର ପ୍ରତିଛବିକୁ ପ୍ରତିଦିନ ସକାଳେ ଦେଖିପାରୁଛି । ଏହା ମୋ ଆତ୍ମାକୁ ଖୁବ ଶାନ୍ତି ଦେଉଛି ।'

ହରମନପ୍ରୀତ କୌର ଚଳିତ ବିଶ୍ୱକପ ପୂର୍ବରୁ ଚାରୋଟି ବିଶ୍ୱକପରେ ଖେଳିଥିବା ବେଳେ ଏହା ତାଙ୍କର ପଞ୍ଚମ ଥିଲା । ହରମନପ୍ରୀତ କୌର କହିଛନ୍ତି, ଆମେ ପ୍ରତ୍ୟେକ ଥର ଆସୁଥିଲୁ, ସେମିଫାଇନାଲ ଏବଂ ଫାଇନାଲରେ ପହଞ୍ଚିଥିଲୁ, କିନ୍ତୁ ଆମେ ଟ୍ରଫି ଜିତିପାରି ନଥିଲୁ । କିନ୍ତୁ ଏଥର ଟିମ୍ ଇଣ୍ଡିଆ ୫୦ ଓଭରର ବିଶ୍ୱକପ ଟ୍ରଫି ଜିତିଛି ।'

## ହୀରା ହାର ଦେବେ ସୁରତ ବ୍ୟବସାୟୀ

ସୁରତ ଭିତ୍ତିକ ବ୍ୟବସାୟୀ ତଥା ରାଜ୍ୟସଭା ସଦସ୍ୟ ଗୋବିନ୍ଦ ଢୋଲକିଆ ଭାରତୀୟ ମହିଳା ଦଳକୁ ହୀରା ଅଳଙ୍କାର ଏବଂ ସୋର ପ୍ୟାନେଲ୍ ଦେବା ପାଇଁ ଘୋଷଣା କରିଛନ୍ତି । ଢୋଲକିଆ ହେଉଛନ୍ତି ଶ୍ରୀ ରାମକୃଷ୍ଣ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡର ଅଧ୍ୟକ୍ଷ । ଫାଇନାଲ୍ ପୂର୍ବରୁ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ପତ୍ର ଲେଖି ଭାରତୀୟ ଦଳକୁ ସେ ହୀରା ଅଳଙ୍କାର ଉପହାର ଆକାରରେ ଦେବାକୁ ଇଚ୍ଛା ଜାହିର କରିଥିଲେ । ସେହିଭଳି ଖେଳାଳିଙ୍କ ଘର ଛାତ ଉପରେ ସୌର ପ୍ୟାନେଲ ଲଗାଇବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ବିସିସିଆଇ ତାଙ୍କର ଏହି ପ୍ରସ୍ତାବକୁ ଗ୍ରହଣ କରିଛି କି ନାହିଁ, ତାହା କିନ୍ତୁ ସ୍ପଷ୍ଟ ହୋଇନାହିଁ ।

## ଭାରତକୁ ଅଭିନନ୍ଦନ: ଅଖତର

ବିଶ୍ୱର ଦ୍ରୁତତମ ବୋଲର ଶୋଏବ ଅଖତର କହିଛନ୍ତି ଯେ, ମୁଁ ଭାବୁଛି ଭାରତର ବିଜୟ କୌଣସି ସଂଯୋଗ ନୁହେଁ । ସେମାନଙ୍କର କ୍ରିକେଟ୍ ବ୍ୟବସ୍ଥା ଦେଖନ୍ତୁ । ସେମାନେ ଏମିତି ସହଜରେ ସଫଳ ହୋଇନାହାନ୍ତି । ଏହା ସେମାନଙ୍କର ବର୍ତ୍ତମାନର ପରିସ୍ଥିତିକୁ ପ୍ରତିଫଳିତ କରୁଛିଛ ଭାରତକୁ ଅଭିନନ୍ଦନ । ତୁମେ ବହୁତ ଭଲ ଖେଳିଲ । ସେମାନଙ୍କର ପରିବର୍ତ୍ତନ ଦେଖନ୍ତୁ, ସେମାନଙ୍କର ଅଧିନାୟକଙ୍କ ଉଦ୍ଦେଶ୍ୟ ଦେଖନ୍ତୁ, ସେମାନଙ୍କର ଖେଳ ଶୈ ଳୀ ଦେଖନ୍ତୁ।





# ଇଂରେଜ ଆଣିଥିଲେ ଭାରତକୁ କ୍ରିକେଟ

ଭାରତରେ ପ୍ରଥମ କ୍ରିକେଟ ମ୍ୟାଚ୍ ଇଂରେଜ ଏବଂ ଗୁଜରାଟର କୋଲିସଙ୍କ ମଧ୍ୟରେ ଖେଳାଯାଇଥିଲା । କାରଣ ଭାରତକୁ ଦଖଲ କରିବା ପୂର୍ବରୁ ଇଷ୍ଟଇଣ୍ଡିଆ କମ୍ପାନୀର ଅନେକ ଜାହାଜକୁ ଗୁଜରାଟର କୋଲିସମାନେ ସମୁଦ୍ରରେ ଲୁଟ୍ କରୁଥିଲେ । ଲୁଟ୍ ସାମଗ୍ରୀ ମଧ୍ୟରେ କ୍ରିକେଟ ସରଞ୍ଜାମ ଥିଲା । ଏଥୁଁ ଧୀରେ ଧୀରେ କ୍ରିକେଟର ପରିବ୍ୟାପ୍ତି ହୋଇଛି । ବମ୍ବେରେ ପାର୍ସି ସମ୍ପ୍ରଦାୟ ପକ୍ଷରୁ ଭାରତୀୟ କ୍ରିକେଟ କ୍ଲବର ସ୍ଥାପନ ହୋଇଥିଲା । ୧୯୪୮ ରେ କ୍ଲବ୍ ଗଠନ ପରେ ୟୁରୋପୀୟ ରାଷ୍ଟ୍ର ସହ ବିଧିବଦ୍ଧ ଭାବେ ଭାରତୀୟ କ୍ରିକେଟ କ୍ଲବ୍ ମ୍ୟାଚ୍ ଖେଳିଥିଲା । ୧୮୭୭ରେ ଭାରତୀୟ କ୍ରିକେଟ କ୍ଲବ୍ ଓ ୟୁରୋପୀୟ କ୍ଲବ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା । ୧୯୧୧ରେ ଭାରତୀୟ ପୁରୁଷ କ୍ରିକେଟ ଦଳର ଗଠନ ହୋଇଥିଲା । ଏହି ଦଳ




୧୭୦୦ ମସିହା ଆରମ୍ଭରୁ ଭାରତକୁ କ୍ରିକେଟ ଆସିଥିଲା । ବ୍ରିଟିଶ ସରକାରଙ୍କ ରାଜୁତି ସମୟରେ ଭଦ୍ରଲୋକଙ୍କ ଖେଳ କ୍ରିକେଟ ଇଂଲଣ୍ଡରୁ ଇଣ୍ଡିଆକୁ ବ୍ୟାପିଥିଲା । ୧୭୨୧ରେ ପ୍ରଥମ ମହିଳା କ୍ରିକେଟ ମ୍ୟାଚ୍ ହୋଇଥିଲା । ୧୯୭୬ରେ ଭାରତୀୟ ମହିଳା ଦଳ ତା'ର ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ ଖେଳିଥିଲା । ଏହା ପୂର୍ବରୁ ୧୯୭୩ରେ ଭାରତୀୟ ମହିଳା କ୍ରିକେଟ ଆସୋସିଏଶନ (ଡବ୍ଲ୍ୟୁସିଏଆଇ)ର ଗଠନ ହୋଇଥିଲା । ଭାରତ ଓ ୱେଷ୍ଟଇଣ୍ଡିଜ ମହିଳା ଦଳ ପ୍ରଦାର୍ପଣ ମ୍ୟାଚରେ ଅବତୀର୍ଣ୍ଣ ହୋଇଥିଲେ ।



ଇଂଲଣ୍ଡ ଟୁରରେ ଯାଇଥିଲା । ଏହିଦଳ ଇଂଲିଶ୍ କାଉଣ୍ଟି ଟିମ୍ ସହିତ ମ୍ୟାଚ୍ ଖେଳିଥିଲା । ୧୯୩୨ରେ ଭାରତୀୟ ପୁରୁଷ ଦଳ ଇଂଲଣ୍ଡ ବିପକ୍ଷ ମ୍ୟାଚ ଖେଳି ଟେଷ୍ଟ ଡେବ୍ୟୁ କରିଥିଲା । ଏହାର ଠିକ୍ ୨ ବର୍ଷ ପରେ ଅର୍ଥାତ୍ ୧୯୩୪ରେ ଭାରତୀୟ ମହିଳା ଦଳ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା । ଭାରତରେ ବିଧିବଦ୍ଧ ଭାବେ ମହିଳା କ୍ରିକେଟର ପ୍ରଚାର ପ୍ରସାର ଓ ସଂଘ ବହୁ ବିଳମ୍ବରେ ହୋଇଥିଲା । ୧୯୭୬ରେ ଭାରତୀୟ ମହିଳା ଦଳ ତା'ର ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ ଖେଳିଥିଲା । ଏହା ପୂର୍ବରୁ ୧୯୭୩ରେ ଭାରତୀୟ ମହିଳା କ୍ରିକେଟ ଆସୋସିଏଶନ (ଡବ୍ଲ୍ୟୁସିଏଆଇ)ର ଗଠନ ହୋଇଥିଲା । ଭାରତ ଓ ୱେଷ୍ଟଇଣ୍ଡିଜ ମହିଳା ଦଳ ପ୍ରଦାର୍ପଣ ମ୍ୟାଚରେ ଅବତୀର୍ଣ୍ଣ ହୋଇଥିଲେ । ୧୯୭୬ରେ ଭାରତୀୟ ଦଳ ଇଣ୍ଡିଜକୁ ପରାଜିତ କରି ପ୍ରଥମ ଟେଷ୍ଟ ଜିତିଥିଲା । ସେତେବେଳେ ଶାନ୍ତା ରଙ୍ଗାସ୍ୱାମୀ ଭାରତୀୟ ଦଳର ଅଧିନାୟିକା ଥିଲେ । ଏହିମ୍ୟାଚ୍ ପାଟନାର ମୋଇନ ଉଲ୍ ହକ୍ ଷ୍ଟାଡିୟମରେ ଖେଳାଯାଇଥିଲା । ଭାରତୀୟ ମହିଳା କ୍ରିକେଟ ସଂଘ ଅନ୍ତର୍ଜାତୀୟ ମହିଳା କ୍ରିକେଟ କାଉନସିଲର ଅନୁବନ୍ଧିତ ସଂଘ । ୨୦୦୬-୦୭ ମହିଳା କ୍ରିକେଟ ଆସୋସିଏଶନକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସହ ମିଶାଇ ଦିଆଯାଇଥିଲା । ଅର୍ଥାତ୍ ବିସିସିଆଇ ହିଁ ଉଭୟ ପୁରୁଷ ଓ ମହିଳା ସଂଘର ମୁଖ୍ୟ ଭାବେ କାର୍ଯ୍ୟକାରୀ ହୋଇଥିଲା । ୨୦୨୧ ରମେଶ ପାୱାର ଭାରତୀୟ ମହିଳା ଦଳର ପ୍ରଥମ ବିଧିବଦ୍ଧ କୋଚ୍ ହୋଇଥିଲେ । ତାଙ୍କ ନେତୃତ୍ୱରେ ୨୩ ବର୍ଷ ପରେ ଭାରତୀୟ ମହିଳା ଦଳ ଇଂଲଣ୍ଡ ମାଟିରେ ଶୃଙ୍ଖଳା ଜିତିବାର ଗୌରବ ଅର୍ଜନ କରିଥିଲା । ସେହିଭଳି ୨୦୨୫ ଜୁଲାଇରେ ଭାରତୀୟ ମହିଳା ଦଳ ଇଂଲଣ୍ଡ ବିପକ୍ଷ ଟି୨୦ ଶୃଙ୍ଖଳାକୁ ୩-୧ ଜିତି କୀର୍ତ୍ତିମାନ ସ୍ଥାପନ କରିଥିଲା । ଭାରତୀୟ ଦଳର ଦକ୍ଷ ସ୍ପିନର ରାଧା ଯାଦବ, ଦୀପ୍ତି ଶର୍ମା, ଶ୍ରୀଚରଣୀ ପ୍ରମୁଖ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଥିଲେ । ଶେଫାଳୀ ବର୍ମାଙ୍କ ସହ ସ୍ମୃତି ମନ୍ଧାନାଙ୍କ ଯୋଡ଼ି ଜମାଣିଆ ପ୍ରଦର୍ଶନ ଦେଖାଇଥିଲେ ।

ଭାରତୀୟ ମହିଳା କ୍ରିକେଟ ଦଳ ଓମେନ୍ ଇନ୍ ବ୍ଲ୍ୟୁ ଭାବେ ପରିଚିତ । ଭାରତୀୟ ମହିଳା ଦଳ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲର ପୂର୍ଣ୍ଣ ସଦସ୍ୟତା ଲାଭ କରିଛି । ଟେଷ୍ଟ, ଦିନିକିଆ ଓ ଟି୨୦ରେ ମାନ୍ୟତା ପାଇଛି । ଭାରତ ବିଶ୍ୱକପ ସହିତ ଏସିଆକପ୍ ଚାମ୍ପିୟନ ହୋଇଛି । ଅଧିନାୟିକା ହରମନପ୍ରୀତ୍ କୌର ଏବଂ ସ୍ମୃତି ମନ୍ଧାନା ଦଳକୁ ଐତିହାସିକ ସଫଳତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ମାନ୍ୟତା ପାଇବା ପରଠୁ ଭାରତୀୟ ମହିଳା ଦଳ ୪୧ଟି ଟେଷ୍ଟ ମ୍ୟାଚ୍ ଖେଳିଛି । ଏଥିରେ ୮ଟି ବିଜୟ, ୫ଟି ପରାଜୟ ଓ ୨୭ଟି ଡ୍ର ରହିଛି । ୧୯୭୬ ଅକ୍ଟୋବର ୩୧ରେ ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ବପକ୍ଷରେ ବେଙ୍ଗାଲୁରୁର ଏମ୍ ଚିନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିଲା । ଏହିମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା । ଏପର୍ଯ୍ୟନ୍ତ ଭାରତୀୟ ମହିଳା ଦଳ ୩୪୨ଟି ଦିନିକିଆ ମ୍ୟାଚ୍ ଖେଳିଛି । ଏଥିରେ ୧୮୮ଟି ବିଜୟ ଓ ୧୪୭ଟି ପରାଜୟ ତଥା ୨ଟି ଟାଇ ଓ ୫ଟି ବାତିଲ ହୋଇଛି । ୨୦୨୫ ବର୍ଷ ଭାରତୀୟ ମହିଳା କ୍ରିକେଟ ପାଇଁ ସ୍ୱର୍ଣ୍ଣିମ ଯୋଗ ଆଣିଛି । ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଭାରତ ବିଶ୍ୱବିଜେତା ଟ୍ରଫି ତୋଳିଧରିଛି । ଏହାକୁ ମିଶାଇ ଭାରତ ୩ ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା । ପ୍ରଥମ ଥର ୨୦୦୫ରେ ଅଷ୍ଟ୍ରେଲିଆ ନିକଟରୁ ଭାରତ ୯୮ ରନରେ ପରାଜିତ ହୋଇ ଉପବିଜେତାରେ ସନ୍ତୁଷ୍ଟ ହୋଇଥିଲା । ସେହିଭଳି ୨୦୧୭ରେ ଭାରତୀୟ ଦଳ ଇଂଲଣ୍ଡ ନିକଟରୁ ମାତ୍ର ୯ ରନରେ ହାରିଥିଲା । ଭାରତ ୪ ଥର ଏସିଆ କପ୍ ଯଥା- ୨୦୦୪, ୨୦୦୫-୦୬, ୨୦୦୬, ୨୦୦୮ରେ ଚାମ୍ପିୟନ ହୋଇଥିଲା । ଚିଲ୍ଡ ଦିନିକିଆ ବିଶ୍ୱକପ ଜିତି ଭାରତୀୟ ଦଳ ର୍ୟାଙ୍କିଂର ସର୍ବୋଚ୍ଚ ସ୍ଥାନ ଲାଭ କରିଛି । ସେହିଭଳି ଟି୨୦ ଉପରେ ନଜର ପକାଇଲେ ଭାରତୀୟ ଦଳ ୨୦୪ଟି ଖେଳିଛି । ୧୧୧ ବିଜୟ, ୮୬ ପରାଜୟ, ଗୋଟିଏ ଟାଇ ଓ ୬ଟି ବାତିଲ ହୋଇଛି । ୨୦୨୫ ଆଇସିସି ର୍ୟାଙ୍କ ଅନୁଯାୟୀ ଭାରତ ତୃତୀୟ ସ୍ଥାନରେ ରହିଛି । ଥରେ ମାତ୍ର ଭାରତ ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିଲା । ୨୦୨୦ରେ ଅଷ୍ଟ୍ରେଲିଆ ନିକଟରୁ ୮୫ ରନରେ ପରାଜିତ ହୋଇ ରନର୍ସଅପରେ ସନ୍ତୁଷ୍ଟ ହୋଇଥିଲା । ୩ ଥର ଟି୨୦ ଫର୍ମାଟରେ ଏସିଆ କପ୍ (୨୦୧୨, ୨୦୧୬, ୨୦୨୨) ଚାମ୍ପିୟନ ହୋଇଥିଲା । ୨୦୨୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ସହ ସେହିବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲା । ବର୍ତ୍ତମାନ ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ୍ କୌର ଥିବାବେଳେ କୋଚ୍ ଅମୋଲ ମଜୁମଦାର ଅଛନ୍ତି ।

ଭାରତୀୟ ସଫଳ ଅଧିନାୟିକାଙ୍କ ମଧ୍ୟରେ ମିଥାଲି ରାଜ, ଝୁଲଣ ଗୋସ୍ୱାମୀ, ଅଞ୍ଜୁମ ଚୋପ୍ରା, ହେମଲତା କାଲା, ସୁଧା ଶାହା, ଗାର୍ଗି ବାନାର୍ଜୀ, ଶୁଭାଙ୍ଗୀ କୁଲକର୍ଣ୍ଣି, ଶାନ୍ତା ରଙ୍ଗସ୍ୱାମୀ, ସନ୍ଧ୍ୟା ଅଗ୍ରୱାଲ ଆଗରେ ରହିଛନ୍ତି । ଭାରତୀୟ ମହିଳା କ୍ରିକେଟକୁ ଦିଗଦର୍ଶନ ଦେବାରେ ଏମାନଙ୍କ ପ୍ରୟାସ ଚିର ସ୍ମରଣୀୟ ହୋଇ ରହିବ । ଭାରତ ଆଦୌ ବିଶ୍ୱକପ୍ ଟାଇଟଲ ହାତେଇ ନ ଥିବା ପୂର୍ବରୁ ଏହି ମହିଳା କ୍ରିକେଟରଙ୍କ ପ୍ରୟାସ ଭାରତୀୟ ମହିଳା କ୍ରିକେଟର ମୂଳଦୁଆକୁ ଦୃଢ଼ କରିଥିଲା । ସେମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ୨୦୨୫ରେ ତାହା ପୂରଣ ହୋଇଛି । ଭାରତ ହରମନପ୍ରୀତଙ୍କ ନେତୃତ୍ୱରେ ବିଶ୍ୱବିଜୟୀ ହୋଇପାରିଛି । ଭାରତୀୟ ଦଳ ନଭି ମୁମ୍ବାଇରେ ବିଶ୍ୱକପ୍ ଜିତିବା ପରେ ହାତରେ ଟ୍ରଫି ଧରି ସେଲିବ୍ରେସନ ସମୟ ଖୁବ୍ ନିଆରା ଥିଲା । ହରମନପ୍ରୀତ୍ ଆଣ୍ଠୁକୋର ବିଜୟ ହୋଇଥିଲେ ଝୁଲଣ ଗୋସ୍ୱାମୀ, ମିଥାଲି ରାଜ ଓ ଅଞ୍ଜୁମ ଚୋପ୍ରା । ଏମାନେ ଭାରତୀୟ ଦଳର ସଫଳତାରେ ଆତ୍ମହରା ହୋଇଥିଲେ ।







NAMO
1












FINAL 2025
CHAMPIONS












Cricket is
a gentleman's
EVERYONE'S
game

# ବିଜୟୀ ଭାରତୀୟ ମହିଳା ଦଳ





**ହରମନ ପ୍ରିତ କୌର (୩୬)**
ଅଧିନାୟିକା
ବ୍ୟାଟିଂ ଅଲରାଉଣ୍ଡର (ରାଇଟ ଆର୍ମ ଅଫବ୍ରେକ)



**ପ୍ରତିକା ରାୱଲ (୨୪)**
ରାଇଟ୍ ହ୍ୟାଣ୍ଡ ଓପନର (ରାଇଟ ଆର୍ମ ଅଫବ୍ରେକ)



**ରେଣୁକା ସିଂ (୨୯)**
ରାଇଟ ଆର୍ମ ମିଡ଼ିଅମ ଫାଷ୍ଟ




**ସ୍ମୃତି ମନ୍ଧାନା (୨୯)**
ଉପ ଅଧିନାୟିକା
ଲେଫ୍ଟହ୍ୟାଣ୍ଡ ଓପନର (ରାଇଟ ଆର୍ମ ମିଡିଅମ)




**ଜେମିମା ରୋଡ୍ରିଗ୍ସ (୨୪)**
ଟପ୍ ଅର୍ଡର ବ୍ୟାଟର (ରାଇଟ ଆର୍ମ ଅଫବ୍ରେକ)



**ରିଚା ଘୋଷ (୨୧)**
ଉଇକେଟକିପର, ବ୍ୟାଟର




**ଉମା ଛେତ୍ରୀ (୨୩)**
ଉଇକେଟକିପର, ବ୍ୟାଟର



**ସ୍ନେହ ରାଣା (୩୧)**
ବୋଲିଂ ଅଲରାଉଣ୍ଡର (ରାଇଟ ଆର୍ମ ଅଫବ୍ରେକ)



**ଦିପ୍ତି ଶର୍ମା (୨୭)**
ଅଲ୍‌ରାଉଣ୍ଡର, ବ୍ୟାଟର/ ରାଇଟ ଆର୍ମ ଅଫବ୍ରେକ



**ଅମନଜୋତ କୌର (୨୪)**
ବ୍ୟାଟିଂ ଅଲରାଉଣ୍ଡର (ରାଇଟ ଆର୍ମ ମିଡିଅମ)



**ଅରୁନ୍ଧତୀ ରେଡ୍ଡି (୨୮)**
ରାଇଟ ଆର୍ମ ମିଡିଅମ ଫାଷ୍ଟ



**ହରଲିନ୍ ଦେଓଲ (୨୭)**
ମିଡିଲ୍ ଅର୍ଡର ବ୍ୟାଟର



**ଶେଫାଳି ବର୍ମା (୨୧)**
ରାଇଟ୍ ହ୍ୟାଣ୍ଡ ଓପନର (ରାଇଟ ଆର୍ମ ଅଫବ୍ରେକ)



**ରାଧା ଯାଦବ (୨୫)**
ସ୍ଲୋ ଲେଫ୍ଟ ଆର୍ମ ଅର୍ଥୋଡକ୍ସ



**ଶ୍ରୀ ଚରଣି (୨୧)**
ସ୍ଲୋ ଲେଫ୍ଟ ଆର୍ମ ଅର୍ଥୋଡକ୍ସ



**କ୍ରାନ୍ତି ଗୌଡା (୨୨)**
ରାଇଟ ଆର୍ମ ମିଡିଅମ ଫାଷ୍ଟ




# ଓ୍ୱିମେନ ପ୍ରିମିୟର ଲିଗ




ଆଇପିଏଲ ଭଳି ଡବ୍ଲୁପିଏଲର ମଧ୍ୟ ଖୁବ କ୍ରେଜ ଦେଖିବାକୁ ମିଳିଥାଏ । ୨୦୨୨ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସମର୍ଥ ହୋଇଛି । ଡବ୍ଲୁପିଏଲ ହେଉଛି ମହିଳା ଟିଟ୍ୱେଣ୍ଟି କ୍ରିକେଟ ଲିଗ ଯାହାକୁ ବିସିସିଆଇ ଆୟୋଜନ କରିଥାଏ । ଏହି ଲିଗରେ ପାଞ୍ଚଟି ଫ୍ରାଞ୍ଚାଇଜ ଟିମ୍ ଭାଗ ନେଇଥାଆନ୍ତି । ୨୦୨୩ରେ ଏହାର ପ୍ରଥମ ସଂସ୍କରଣ ଖେଳାଯାଇଥିଲା, ଯେଉଁଥିରେ ମୁମ୍ବାଇ ଇଣ୍ଡିଆନ୍ସ ଟାଇଟଲ ବିଜେତା ହୋଇଥିଲା । ଏହାପରେ ଦ୍ୱିତୀୟ ସଂସ୍କରଣ ୨୦୨୪ରେ ଖେଳାଯାଇଥିଲା । ଏହି ଟାଇଟଲ ରୟାଲ ଚାଲେଞ୍ଜର ବେଙ୍ଗାଲୁରୁ ଟାଇଟଲ ଜିତିଥିଲା । ଏହାପରେ ତୃତୀୟ ସଂସ୍କରଣ ୨୦୨୫ରେ ପୁଣିଥରେ ମୁମ୍ବାଇ ଇଣ୍ଡିଆନ ଏହି ଟାଇଟଲକୁ ଜିତିଥିଲା ।

## ଦଳ

୧. ଦିଲ୍ଲୀ କ୍ୟାପିଟାଲ୍ସ
୨. ଗୁଜରାଟ ଜ୍ୟାଣ୍ଟସ
୩. ମୁମ୍ବାଇ ଇଣ୍ଡିଆନ୍ସ
୪. ରୟାଲ ଚାଲେଞ୍ଜରସ ବେଙ୍ଗାଲୁରୁ
୫. ୟୁପି ୱାରିଅର

ଆପିଏଲ ଭଳି ଏହାର ଷ୍ଟ୍ରକଚରକୁ ନିର୍ମାଣ କରାଯାଇଛି । ପ୍ରଥମରୁ ଏଥିରେ ପାଞ୍ଚୋଟି ଦଳ ଖେଳୁଥିଲେ । ଯେଉଁଥିରେ ସେମାନେ ଡବଲ ରାଉଣ୍ଡ ରବିନ ଫର୍ମାଟରେ ଖେଳୁଥିଲେ । ହେଲେ ଏହାପରେ ବୋର୍ଡ ଦଳ ବଢାଇବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମ ସଂସ୍କରଣ ୨୦୨୩, ୪ ମାର୍ଚ୍ଚରୁ ୨୬ ମାର୍ଚ୍ଚ ପର୍ଯ୍ୟନ୍ତ ମୁମ୍ବାଇରେ ଖେଳାଯାଇଥିଲା । ପ୍ରଥମ ସଂସ୍କରଣରେ ମହିଳାଙ୍କୁ ମାଗଣାରେ ମ୍ୟାଚ ଦେଖିବାକୁ ସୁଯୋଗ ଦିଆଯାଇଥିଲା । ଏହାପରେ ଦ୍ୱିତୀୟ ସଂସ୍କରଣ ଫେବୃଆରୀ ୨୩ରୁ ମାର୍ଚ୍ଚ ୧୭, ୨୦୨୪ ପର୍ଯ୍ୟନ୍ତ ଖେଳାଯାଇଥିଲା । ତେବେ ଏହି ସଂସ୍କରଣକୁ ପାଞ୍ଚଟି ଦଳକୁ ନେଇ ଖେଳାଯାଇଥିଲା । ଏହାର ମ୍ୟାଚ ଗୁଡିକ ବେଙ୍ଗାଲୁର ଓ ଦିଲ୍ଲୀରେ ଖେଳାଯାଇଥିଲା । ଏହି ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ପ୍ରଥମଥର ରୟାଲ ଚାଲେଞ୍ଜର ବେଙ୍ଗାଲୁରୁ ଚମ୍ପିଆନ ହୋଇଥିଲା । ପ୍ରଥମ ସଂସ୍କରଣରେ ପାଖାପାଖି ୧୫୦୦ ଜଣ ଖେଳାଳୀ ନିଜ ନାଁ ରେଜିଷ୍ଟ୍ରର କରିଥିଲେ । ପ୍ରତି ଫାଞ୍ଚାଇଜ ୧୨ କୋଟିରେ ୧୫ରୁ ୧୮ ଜଣ ଖେଳାଳୀଙ୍କୁ କିଣିବାର ନିୟମ ରହିଥିଲା । ପ୍ରଥମ ନିଲାମୀରେ ସ୍ମୃତି ମନ୍ଧାନା ସବୁଠାରୁ ଦାମୀ ଖେଳାଳୀ ଭାବେ ନିଲାମ ହୋଇଥିଲେ । ତାଙ୍କୁ ରୟାଲ ଚାଲଞ୍ଜର ବେଙ୍ଗାଲୁରୁ ୩.୪ କୋଟିରେ କିଣିଥିଲା ଏବଂ ଦଳର ଅଧିନାୟକ ଭାବେ ସେ କାର୍ଯ୍ୟ କରିଥି ଲେ ।











# ଭାରତୀୟ ମହିଳା ଓ ଖେଳ

**ଖେଳରେ ଭାରତୀୟ ମହିଳାଙ୍କର ଗୌରବମୟ ଯାତ୍ରା ସର୍ବଦା ଚର୍ଚ୍ଚାରେ ରହିଆସିଛି । ଖେଳଜଗତରେ ଏମାନେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସାବ୍ୟସ୍ତ ହୋଇଛନ୍ତି । କଠିନ ପରିଶ୍ରମ, ଦୃଢ଼ ନିଷ୍ଠା, କିଛି କରି ଦେଖାଇବାର ଇଚ୍ଛା ଶକ୍ତିକୁ ପ୍ରତିପାଦିତ କରିଛନ୍ତି । ଏହି ସମସ୍ତ ଗୁଣ ଯୋଗୁ ସେମାନେ ସଫଳତାର ଶିଖର ଛୁଇଁଥିବାବେଳେ ଦେଶର ନାଁକୁ ସାରା ବିଶ୍ୱରେ ପରିଚିତ କରାଇ ପାରୁଛନ୍ତି ।**

ନିକଟରେ ମହିଳା ବିଶ୍ୱକପ ଜିତି ମହିଳା କ୍ରିକେଟ ଟିମ ଏହାକୁ ଆଉଥରେ ପ୍ରମାଣିତ କରିଛନ୍ତି । ଭାରତର ମହିଳା କ୍ରୀଡା ବିଭାଗ ଏକ ସ୍ୱର୍ଣ୍ଣିମ ଇତିହାସର ମୁକସାକ୍ଷୀ ରହିଛି । ତେବେ ଏହା ସ୍ୱାଧୀନତା ପୂର୍ବରୁ ମହିଳାଙ୍କୁ ଖେଳରେ ଭାଗ ନେବାପାଇଁ ସୁଯୋଗ ଦିଆଯାଉନଥିଲା । ଯାହାଫଳରେ ସେତେବେଳେ ମହିଳା କ୍ରୀଡାର ଏତେ ଅଗ୍ରଗତି ସମ୍ଭବ ନଥିଲା । ହେଲେ ସ୍ୱାଧିନତା ପରେ କିନ୍ତୁ ଏହି ଭାଗିଦାରୀ ବଢିବାକୁ ଲାଗିଲା । ୧୯୫୨ରେ ପ୍ରଥମ ଭାରତୀୟ ମହିଳା ଭାବେ ନିଳିମା ଘୋଷ ଅଲିମ୍ପିକରେ ଭାଗ ନେଇଥିଲେ । ଏହାପରେ ଧୀରେଧୀରେ ବିଭିନ୍ନ କ୍ରୀଡାରେ ମହିଳାଙ୍କୁ ଦେଖିବାକୁ ମିଳିଥିଲା । ସେମାନେ ଆଗକୁ ଆସି ପଡିଆରେ ବିଭିନ୍ନ ଖେଳ ଖେଳିବାକୁ ଲାଗିଲେ ଏବଂ ମେଡାଲ ଜିତିବାକୁ ଲାଗିଲେ । ଏହି ତାଲିକାରେ ପିଟି ଉଷା, କର୍ନାମ ମାଲେଶ୍ୱରୀ, ମେରୀ କମ୍, ସାନିଆ ମିର୍ଜା,






ପିଭି ସିନ୍ଧୁ, ସାଇନା ନେହୱାଲ, ମିଥାଲି ରାଜଙ୍କ ଭଳି ଅନେକ ଖେଳାଳୀ ସାମିଲ ଅଛନ୍ତି । ଏହି ବ୍ୟକ୍ତିତ୍ୱମାନେ ବିଶ୍ୱ ଖେଳ ଜଗତରେ ଭାରତର ନାଁକୁ ଖୁବ ଆଗକୁ ନେବାରେ ଲାଗିଛନ୍ତି । ହେଲେ ସେମାନଙ୍କୁ ମଧ୍ୟ ଅନେକ ଆହ୍ୱାନର ସାମନା କରିବାକୁ ପଡିଥାଏ । ସମସ୍ତ ବାଧା ବିଘ୍ନ ଓ ଆହ୍ୱନାକୁ ସାମନା କରି ବର୍ତ୍ତମାନର ଭାରତୀୟ ମହିଳାମାନେ ବିଶ୍ୱ ଖେଳଜଗତରେ ନିଜ ନାଁକୁ ପ୍ରତିଷ୍ଠିତ କରାଇବାରେ ଲାଗିଛନ୍ତି । ଆସନ୍ତୁ ଜାଣିବା କ୍ରୀଡାଜଗତର ସେହିଭଳି କିଛି ପ୍ରତିଷ୍ଠିତ ଖେଳାଳୀଙ୍କ ସମ୍ପର୍କରେ ।

## ବ୍ୟାଡମିଣ୍ଟନ

ଭାରତରେ ବ୍ୟାଡମିଣ୍ଟନ ଖେଳର ଖୁବ ଚାହିଦା ରହିଛିଏହି ଖେଳକୁ ଭାରତରେ ୧୯ତମ ଶତାବ୍ଦୀରେ ବ୍ରିଟିଶ ଅଫିସରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ୧୯୩୪ ମସିହାରେ ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆର ସ୍ଥାପନା କରାଯାଇଥିଲା । ପ୍ରଥମରୁ ହିଁ ଭାରତରେ ଏହି ଖେଳର ଚାହିଦା ରହିଥିଲା । ଧୀରେଧୀରେ ଏହି ଖେଳାଳୀମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଲାଗିଲେ । ଏହି ପ୍ରଚାର ପ୍ରସାର ବିଂଶ ଶତାବ୍ଦୀରେ କ୍ଷୀପ୍ର ଗତିରେ ହେଉଥିବା ଦେଖିବାକୁ ମିଳିଥିଲା । ଭାରତ ଧୀରେଧୀରେ ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ମ୍ୟାଚ ଯେପରି ଥୋମାସ କପ୍ ଓ ଅଲ ଇଂଲଣ୍ଡ ଚାମ୍ପିଅନସିପରେ ଭାଗନେବାକୁ ଲାଗିଥିଲା । ୧୯୫୦ ଓ ୧୯୬୦ ମସିହାରେ ନାଣ୍ଡୁ ନାଟେକର ଭାରତୀୟ ବ୍ୟାଡମିଣ୍ଟନର ଚେହେରା ପାଲଟିଥିଲେ । ସେ ନିଜ ନାମରେ ଏକାଧିକ ଜାତୀୟ ଟାଇଟଲ ସାମିଲ କରିଥିଲେ । ଏହାସହ ଅନେକ ଆନ୍ତର୍ଜାତିକ ପ୍ରତିଯୋଗିତାରେ ମଧ୍ୟ ଭାରତକୁ ସେ ପ୍ରତିପାଦିତ କରିଥିଲେ । ଏହାପରେ ପ୍ରକାଶ ପାଦୁକୋନ୍ ଭାରତୀୟ ବ୍ୟାଡମିଣ୍ଟନକୁ ବିଶ୍ୱସ୍ତରରେ ପହଞ୍ଚାଇପାରିଥିଲେ । ୧୯୮୦ ମସିହାରେ ସେ ଅଲ ଇଂଲଣ୍ଡ ଓପନ ଚାମ୍ପିଅନସିପର ବିଜେତା ହୋଇ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳୀଙ୍କ ପାଇଁ ଆଣିଥିଲେ ନୂଆ ପରିଚୟ। ଏହା ଆଜି ବି ଭାରତୀୟ ବ୍ୟାଡମିଣ୍ଟନ ଇତିହାସର ସ୍ୱର୍ଣ୍ଣିମକ୍ଷଣ ଭାବେ ବିବେଚନା କରାଯାଇଥାଏ । ତାଙ୍କ ବ୍ୟାଡମିଣ୍ଟନ ଖେଳିବାର ଷ୍ଟାଇଲ ଅନେକଙ୍କୁ ପ୍ରେରିତ କରିଥିଲା ଏହି ଖେଳ ଖେଳିବାକୁ । ଏହାପରେ ୨୧ ଶତାବ୍ଦୀରେ ମଧ୍ୟ ଏହି ଖେଳର ପ୍ରଚାର ପ୍ରସାର ଦେଖିବାକୁ ମିଳିଥିଲା । ଏହି ସମୟରେ ଆନ୍ତର୍ଜାତୀୟ ସ୍ତରରେ ଖେଳାଳୀଙ୍କୁ ଖେଳିବାକୁ ଅଧିକ ସୁଯୋଗ ମିଳିଥିଲା । ଏହାସହ ପ୍ରଶିକ୍ଷଣ ମଧ୍ୟ ଭଲ ମିଳିବାରେ ଲାଗିଲା । ବ୍ୟାଡମିଣ୍ଟନର ପରିଚିତ ଚେହେରା ହେଲେ ସାନିଆ ନେହୱାଲ । ସାନିଆ ପ୍ରଥମ ଭାରତୀୟ ମହିଳା ଖେଳାଳୀ ଭାବେ ବିଡବ୍ଲ୍ୟୁଏଫ୍ ସୁପର ସିରିଜ ଟାଇଟଲକୁ ୨୦୦୯ରେ ଜିତିଥିଲେ । ଏହାସହ ପ୍ରଥମ ମହିଳା ବ୍ୟାଡମିଣ୍ଟନ ଖେଳାଳୀ ଭାବେ ସେ ୨୦୧୨ ଲଣ୍ଡନ ଅଲିମ୍ପିକରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲେ। ଆଉଜଣେ ବ୍ୟାଡମିଣ୍ଟନ ଖେଳାଳୀ ହେଲେ ପିଭି ସିନ୍ଧୁ । ଯିଏ ଅନେକ ସମୟଧରି କ୍ରମାଗତ ଭାବେ ଖୁବ ଭଲ ପ୍ରଦର୍ଶନ ଜାରି








ରଖିଥିଲେ । ୨୦୧୬ ରିଓ ଅଲିମ୍ପିକରେ ସିଲଭର ଓ ୨୦୨୦ ଟୋକିଓ ଅଲିମ୍ପିକରେ ବ୍ରୋଞ୍ଜ ପଦକ ଜିତିଥିଲେ । ଏହାସହ ୨୦୧୯ରେ ବିଶ୍ୱ ଚାମ୍ପିଅନ ଟାଇଟଲ ମଧ୍ୟ ହାସଲ କରିଥିଲେ । ତାଙ୍କ ପ୍ରଦର୍ଶନ ତାଙ୍କୁ ବ୍ୟାଡମିଣ୍ଟନ କ୍ରୀଡାରେ ଜଣେ ବିଶ୍ୱସ୍ତରୀୟ ଚେହେରାଭାବେ ପରିଚିତ କରାଇପାରିଛି ।

## ହକି

ଭରତୀୟ କ୍ରୀଡା ଜଗତରେ ହକିର ଚାହିଦା ଖୁବ ଅଧିକ। ସେହିଭଳି ମହିଳା ହକିର ନାଁ ଧୀରେଧୀରେ ବଢିବାରେ ଲାଗିଛି। ଗାଁ ପଡିଆରୁ ମହିଳା ହକି ଆଜି ଅଲିମ୍ପିକରେ ପହଞ୍ଚିଛି। ୧୯୪୦ ମସିହାରେ ମହିଳା ହକିର ପ୍ରଚାର ପ୍ରସାର ଦ୍ରୁତ ଗତିରେ ହେବାକୁ ଲାଗିଲା । ୧୯୪୭ରେ ପ୍ରଥମ ରେକର୍ଡ ହକି ମ୍ୟାଚ ଖେଳାଯାଇଥିଲା । ଏହାପରେ ଏକାଧୀକ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟର ଆୟୋଜନ ହେବାରେ ଲାଗିଲା । ୧୯୪୭ରୁ ୪୮ ମଧ୍ୟରେ ଇଣ୍ଡିଆନ ଓମେନ ହକି ଫେଡେରେସନର ପ୍ରତିଷ୍ଠା କରାଯାଇଥିଲା । ଏହାର ସ୍ଥାପନା ଭାରତୀୟ ହକି ମହିଳା ଖେଳାଳୀଙ୍କୁ ଆଗକୁ ବଢାଇବା ପାଇଁ କରାଯାଇଥିଲା।୧୯୫୩ରେ ଭାରତୀୟ ମହିଳା ହକି ନିଜର ଆନ୍ତର୍ଜାତୀୟ ଡେବ୍ୟୁ କରିଥିଲା । ଏହାପରେ ୧୯୮୨ରେ ଏସିଆନ ଗେମରେ ଏହି ଦଳକୁ ଗୋଲ୍ଡ ମେଡାଲ ମଧ୍ୟ ମିଳିଥିଲା। ବର୍ତ୍ତମାନ ହକିକୁ ନେଇ ବିଭିନ୍ନ ପରୀକ୍ଷା ନିରିକ୍ଷା କରାଯାଉଛି । ସେମାନଙ୍କୁ ବର୍ତ୍ତମାନ ଖୁବ ଉନ୍ନତମାନର ସମସ୍ତ ସୁଯୋଗ ପ୍ରଦାନ କରାଯାଉଛି ଯାହା ସେମାନଙ୍କର ଖେଳ ଦକ୍ଷତାକୁ ବଢାଉଛି । ୨୦୨୦ ଟୋକିଓ ଅଲିମ୍ପିକରେ ପ୍ରଥମଥର ପାଇଁ ଭାରତୀୟ ମହିଳା ହକି ଦଳ ସେମି ଫାଇନାଲରେ ପହଞ୍ଚିଥିଲା । ହକି ମହିଳା ଖେଳାଳୀଙ୍କ ତାଲିକାରେ ଅନେକ ଖେଳାଳୀ ସାମିଲ ରହିଛନ୍ତି । ୧୯୬୦ରେ ଏଲଭେରା ବ୍ରିଟୋ ମହିଳା ହକି ଦଳର ଅଧିନାୟକ ଭାବେ ଦାୟିତ୍ୱ ତୁଲାଇଥିଲେ । ତାଙ୍କୁ ତାଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅର୍ଜୁନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । ୧୯୭୦ ମସିହାରେ ପ୍ରେମ ମାୟା ସୋନିର ହକିକୁ ଏକ ବିଶ୍ୱସ୍ତରୀୟ ପରିଚୟ ପ୍ରଦାନ କରିଥିଲେ । ସେ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି । ଏହି ତାଲିକାରେ ଅନେକ ନାଁ ଯେପରି ପ୍ରିତମ ରାଣି, ଅଞ୍ଜୁମ କରିମ, ରାନି ରାମ୍ପପାଲ, ସହିତା ପୁନିଆ, ବନ୍ଦନା କଟରିଆ ଆଦି ସାମିଲ ଅଛନ୍ତି । ହକିକୁ ବିଶ୍ୱସ୍ତରୀୟ ମାନତ୍ୟା ଦେବାରେ ଏମାନଙ୍କ ହାତ ଖୁବ ଅଧିକ ରହିଛି । ଜାତୀୟ, ଅନ୍ତର୍ଜାତୀୟ କୋଚ ଓ ଭଲ ନେତୃତ୍ୱ ଅଧିନରେ ହକି ଖେଳ ଖୁବ ଅଧିକ ପ୍ରଚାର ପ୍ରସାର କରିବାରେ ଲାଗିଛି ।

## ଚେସ୍

ଚେସ୍ ଏଭଳି ଏକ ଖେଳ ଯେଉଁଥିରେ ବୁଦ୍ଧିର ଖୁବ ଅଧିକ ଆବଶ୍ୟକ ହୋଇଥାଏ । କେବଳ ଶାରିରୀକ ଶକ୍ତି ନୁହେଁ ମାନସିକ ସ୍ତରରେ ମଧ୍ୟ ଆମ ମହିଳା ଖେଳାଳି ଖୁବ ଆଗରେ । ଭାରତୀୟ ମହିଳା ଚେସ୍ ଖେଳାଳୀଙ୍କ ପାଖରେ ବିଚକ୍ଷଣ ବୁଦ୍ଧି ସହିତ ଦୃଢ ଇଚ୍ଛା ଶକ୍ତି ଦେଖିବାକୁ ମିଳିଛି, ଯାହା ଭାରତକୁ ଚେସରେ ବିଶ୍ୱ ଚାମ୍ପିଅନ ମଧ୍ୟ କରାଇଛି । ଏହି ମହିଳାମାନ ଅନେକ ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ଚେସ୍ ଖେଳ ଭାରତରେ କାହିଁ କେଉଁ ଦିନରୁ ଖେଳା ହୋଇ ଆସୁଛି। ତେବେ ଚେସଖେଳରେ ଭାରତୀୟ ମହିଳା ଟିକ ଡେରିରେ ଭାଗନେଲେ ମଧ୍ୟ ନିଜ ବୁଦ୍ଧି ବଳରେ ଆଜି ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଅଲ ଇଣ୍ଡିଆ ଚେସ ଫେଡେରେସନ ଓ ୱେମେନ ଚେସ ଆସୋସିଏସନ ଅଫ ଇଣ୍ଡିଆ ମହିଳା ଚେସ ଖେଳାଳୀଙ୍କ କ୍ଷେତ୍ରରେ ଖୁବ ଭଲ କାର୍ଯ୍ୟ କରୁଛି । ସେମାନଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ଓ ସହଯୋଗ ଏମାନେ ଯୋଗାଇଥାଆନ୍ତି, ଯାହା ଫଳରେ ଖେଳାଳୀମାନେ ଖୁବ ଆଗକୁ ଯାଉଛନ୍ତି । ଚେସ୍ ଖେଳରେ ଅନେକ ବରଷ୍ଠ ଖେଳାଳୀ ଅଛନ୍ତି ଯେଉଁମାନେ ବିଶ୍ୱସ୍ତରରେ ଭାରତର ନାଁକୁ ଖୁବ ଉପରକୁ ନେଇଛନ୍ତି । ନନ୍ଦିନୀ ବିଦ୍ୟାନାଥନ, ପ୍ରଥମ ମହିଳା ଚେସ ଖେଳାଳୀ ଯିଏ ଭାରତୀୟ ଚେସକୁ ଆନ୍ତର୍ଜାତୀୟ ସ୍ତରରେ ପରିଚୟ ପ୍ରଦାନ କରିଥିଲେ । ୧୯୭୦ ରୁ ୮୦ ଭିତରେ ସେ ମହିଳା ଚେସକୁ ଏକ ଉଚ୍ଚ ସ୍ତରକୁ








ନେଇଥିଲେ । ଏହି ତାଲିକାରେ କୋନେରୁ ହମ୍ପି, ଡୋରନାଭାଲ୍ଲି ହାରିକା, ତାନିଆ ସଚଦେବ, ପି ଇନିୟାନ ପ୍ରମୁଖ ସାମିଲ ଅଛନ୍ତି, ଯେଉଁମାନ ଭାରତୀୟ ଚେସକୁ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି । ଏମାନେ ବର୍ତ୍ତମାନର ପିଢିପାଇଁ ଜଣେଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ପାଲଟିଛନ୍ତି । ଯେଉଁମାନଙ୍କୁ ଅନୁସରଣ କରି ଅନେକ ଯୁବ ପ୍ରତିଭା ଚେସକୁ ନିଜର କ୍ୟାରିୟର ଭାବେ ଗ୍ରହଣ କରିଛନ୍ତି । ନିକଟରେ ୨୦୧୮ରେ ଚେସ୍ ଅଲମ୍ପିଆଡରେ ଭାରତକୁ ବ୍ରୋଞ୍ଜ ମେଡାଲ ପ୍ରାପ୍ତ ହୋଇଥିଲା । ସେହିଭଳି ୨୦୧୯ ୱମେନ୍ ଚେସ ଚାମ୍ପିଅନସିପରେ କୋନେରୁ ହମ୍ପି ୱମେନ ୱାର୍ଲ୍ଡ ଚେସ ଚାମ୍ପିଅନ ଭାବେ ଖ୍ୟାତି ଅର୍ଜନ କରିଥିଲେ । ସେହିଭଳି ୨୦୨୧ ଏଫ୍ଡିଆଇ ବିଶ୍ୱକପରେ ମଧ୍ୟ ଭାରତୀୟ ଚେସ ଖେଳାଳୀଙ୍କ ଭଲ ପ୍ରଦର୍ଶନ ରହିଥିଲା । ଆଗକୁ ମଧ୍ୟ ଏହି ଖେଳାଳୀମାନେ ଆହୁରି ଭଲ ପ୍ରଦର୍ଶନ କରିବା ସହିତ ନୂଆ ଖେଳାଳୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବେ ।

## ଟେନିସ

ବିଶ୍ୱ ଟେନ୍ସ ଖେଳରେ ଭାରତୀୟ ମହିଳାଙ୍କର ପ୍ରଭାବ ବିଶେଷ ରହିଛି । କିଛି ଦଶନ୍ଧି ଧରି ଏଠାରେ ଭାରତୀୟ ମହିଳାମାନେ ରାଜ କରିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ଏମାନେ ଖୁବ ପରିଚିତ ବ୍ୟକ୍ତିତ୍ୱ ପାଲଟିଛନ୍ତି । ସେମାନଙ୍କର ପ୍ରଦର୍ଶନ ଉଚ୍ଚକୋଟିର ରହିଛି, ଯାହା ସେମାନଙ୍କର ସ୍କିଲ ଓ ପରିଶ୍ରମକୁ ଦର୍ଶାଇଛି । ବ୍ରିଟିଶ ରାଜ ସମୟରେ ଭାରତରେ ଟେନିସ ଖେଳର ଆରମ୍ଭ ହୋଇଥିଲା । ୧୯୮୦ ରୁ ୯୦ ମଧ୍ୟରେ ନିନା ଷ୍ଟୋଜାନୋଭିକ ଭାରତୀୟ ଟେନିସ ଖେଳକୁ ବିଶ୍ୱସ୍ତରରେ ପରିଚୟ ଦେବା ଆରମ୍ଭ କରିଥିଲେ । ତାଙ୍କ ପରେ ଶିଖା ଉବେରୋଏ ଏବଂ ସାନିଆ ମିର୍ଜା ଭାରତୀୟ ଟେବୁଲ ଟେନିସର ଭାର ସମ୍ଭାଳିଥିଲେ । ଏହାପରେ ଭାରତରେ ଅଲ ଇଣ୍ଡିଆ ଟେନିସ ଆସୋସିଏସନର ପ୍ରତିଷ୍ଠା ହୋଇଥିଲା, ଯାହା ଟେନିସ ଖେଳାଳୀଙ୍କ ଯାତ୍ରାକୁ ଆଗକୁ ନେଇଥିଲା । ୨୦୦୩ରେ ସାନିଆ ମିର୍ଜାଙ୍କର ପ୍ରଫେସନାଲ କ୍ୟାରିୟରର ଆରମ୍ଭ ହୋଇଥିଲା । ସେ ଭାରତୀୟ ଟେନିସକୁ ଏକ ନୂଆ ପରିଚୟ ପ୍ରଦାନ କରିଥିଲେ । ସେ ପ୍ରଥମ ଭାରତୀୟ ମହିଳା ଖେଳାଳୀ ଭାବେ ଗ୍ରାଣ୍ଡ ସ୍ଲାମ ଟାଇଟଲର ବିଜେତା ପାଲଟିଥିଲେ । ଏହାସହିତ ତାଙ୍କ ନାମରେ ଏକାଧିକ ଟାଇଟଲ ସାମିଲ ରହିଛି, ଯାହା ଭାରତୀୟ ଟେନିସକୁ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ସେ ଅନେକ ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।



## ଟେବୁଲ ଟେନିସ

ଗତ କିଛି ବର୍ଷରେ ଭାରତୀୟ ଖେଳାଳୀମାନେ ଟେବୁଲ ଟେନିସରେ ଖୁବ ନାଁ କରିବାରେ ଲାଗିଛନ୍ତି । ବ୍ରିଟିଶଙ୍କ ସମୟରେ ଭାରତରେ ଟେବୁଲ ଟେନିସର ଆରମ୍ଭ ହୋଇଥିଲା । ଏହାପରେ ୧୯୮୦ରୁ ୯୦ ମସିହା ବେଳକୁ ଏହି ଖେଳରେ ମହିଳାମାନେ ଭାଗ ନେବା ଆରମ୍ଭ କରିଥିଲେ । ଅଲ ଇଣ୍ଡିଆ ଟେବୁଲ ଟେନିସ ଫେଡେରେସନର ସ୍ଥାପନା ପରେ ଏହି ଖେଳରେ ଆହୁରି ଅଗ୍ରଗତି ଦେଖିବାକୁ ମିଳିଥିଲା । ଏହି ଖେଳର ଗେମଚେଞ୍ଜର ଭାବେ ମନିକା ବାର୍ତ୍ତାଙ୍କୁ ଗଣା ଯାଇଥାଏ । ବର୍ତ୍ତମାନ ସେ ଭାରତୀୟ ଟେବୁଲ ଟେନିସ ଖେଳର ପରିଚୟ ପାଲଟିଛନ୍ତି । ତାଙ୍କର ପ୍ରତିଭା ବିଶ୍ୱସ୍ତରରେ ଭାରତୀୟ ଟେବୁଲ ଟେନିସକୁ ପହଞ୍ଚାଇବାରେ ସଫଳ ହୋଇଛି । ୨୦୧୬ରେ ମନିକା ରିଓ ଅଲମ୍ପିକିସ ଖେଳିବା ପାଇଁ ପ୍ରଥମ ଭାରତୀୟ ମହିଳା ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ । ଏହାପରେ ସେ ୨୦୧୮ରେ କମନୱେଲ୍ଥ ଗେମରେ ଚାରୋଟି ମେଡାଲ ଜିତିବାରେ ସଫଳ ହୋଇଥିଲେ । ତାଙ୍କ ସହିତ ମୋଉମା ଦାସ, ପୂଜା ସହସ୍ରବୁଧେ, ଅହିକା ମୁଖାର୍ଜୀଙ୍କ ଭଳି ଅନେକ ଖେଳାଳୀ ଅଛନ୍ତି ଯେଉଁମାନେ ଭାରତୀୟ ଟେବୁଲ ଟେନିସକୁ ବିଶ୍ୱସ୍ତରରେ ପହଞ୍ଚାଉଛନ୍ତି ।

## ରହିଛନ୍ତି ଅନେକ ପ୍ରତିଭା

ଆହୁରି ଅନେକ କାଟାଗୋରୀରେ ଏକାଧୀକ ମହିଳା ଖେଳାଳୀ ଅଛନ୍ତି ଯେଉଁମାନେ ଭାରତର ନାଁକୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିଛନ୍ତି । ଏହି ତାଲିକା ବେଶ ଲମ୍ବା ରହିଛି । ଏଥିରେ କୁସ୍ତି ଯୋଦ୍ଧା ଖେଳରେ ଅଛନ୍ତି ଗୀତା ଫୋଗଟ, ବବିତା ଫୋଗଟ, ଭିନେସ ଫୋଗଟ, ଶାକ୍ଷୀ ମଲ୍ଲିକ, ସୋନମ ମଲ୍ଲିକଙ୍କ ଭଳି ଖେଳାଳୀ ଯେଉଁମାନେ ଭାରତୀୟ କୁସ୍ତିକୁ ଏକ ନୂଆ ପରିଚୟ ଦେଇଥିଲେ । ସେହିଭଳି ଦୌଡରେ ମଧ୍ୟ ଅନେକ ଭାରତୀୟ ଖେଳାଳୀ ଭାରତର ନାଁକୁ ଉଚ୍ଚା କରିଛନ୍ତି । ସେଥିରେ ସାମିଲ ଅଛନ୍ତି ଦୌଡରାଣୀ ପିଟିଉଷା, ହିମା ଦାସ, ଓଡ଼ିଶାର ଦୂତି ଚାନ୍ଦ, ଶ୍ରାବଣୀ ନନ୍ଦଙ୍କ ଭଳି ଖେଳାଳୀ ଭାରତର ନାଁକୁ ବିଶ୍ୱ ସ୍ତରରେ ପହଞ୍ଚାଇଛନ୍ତି । ସେହିଭଳି ବକ୍ସିଂ କ୍ଷେତ୍ରରେ ମେରିକମଙ୍କ ଅବଦାନକୁ କେହି କେବେ ଭୁଲି ପାରିବେ ନାହିଁ । ସେ ଭାରତୀୟ ବକ୍ସିଂ କୁଇନ୍ ଭାବେ ପରିଚିତ । ସେହିଭଳି ଓଡ଼ିଶାର ଅନୁରାଧା ବିଶ୍ୱାଳ ଭାରତୀୟ ଆଥଲେଟର ଜଣେ ପରିଚିତ ନାଁ ପାଲଟିଛନ୍ତି । ଏହିଭଳି ଆହୁରି ଅନେକ ପ୍ରତିଭା ଅଛନ୍ତି ଯେଉଁମାନେ ଭାରତୀୟ କ୍ରୀଡା କ୍ଷେତ୍ର ପାଇଁ ବରଦାନ ପାଲଟିଛନ୍ତି ଏବଂ ନିଜ ପ୍ରତିଭା ବଳରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ନାଁକୁ ଆଗକୁ ବଢାଉଛନ୍ତି ।





**ନିକଟରେ ଭାରତ ପାଇଁ ଗର୍ବ ଆଣିଛନ୍ତି ଭାରତୀୟ ମହିଳା କ୍ରିକେଟଦଳ । ଦୀର୍ଘ ୨୫ ବର୍ଷପରେ ଭାରତୀୟ ମହିଳା କ୍ରେକଟ ଦଳର କ୍ୟାପେଟନ ଭାବେ ହରମନପ୍ରିତ କୌର ଏହି ଭେଟି ଦେଶକୁ ଦେଇଛନ୍ତି, ଯାହାକୁ ନେଇ ସବୁଠାରେ ବର୍ତ୍ତମାନ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପାଲଟିଯାଇଛନ୍ତି ।**

# କୌରଙ୍କ କରିସ୍ମା

ମହିଳା ଦିନିକିଆ ବିଶ୍ୱକପରେ ଦୀର୍ଘ ୨୫ ବର୍ଷପରେ ମହିଳା ବିଶ୍ୱ କପକୁ ମିଳିଛି ନୂଆ ବିଜେତା । ଦୁଇଦୁଇଥର ପୂର୍ବରୁ ଉପବିଜେତା ରହିଥିବା ଭାରତ ଚଳିତଥର ପାଲଟିଛି ବିଜେତା । ହରମନପ୍ରିତ କୌରଙ୍କ ନେତୃତ୍ୱାଧୀନ ଦଳ ଭାରତକୁ ଏହି ବିଜୟର ସ୍ୱାଦ ଚଖାଇଛନ୍ତି । ତେବେ ବର୍ତ୍ତମାନ ହରମନପ୍ରିତଙ୍କୁ ନେଇ ସବୁଠି ଚର୍ଚ୍ଚା ଦେଖିବାକୁ ମିଳିଛି । ୧୯୮୯ରେ ପଞ୍ଜାବରେ ଜନ୍ମିତ ହରମନପ୍ରିତ ନିଜ ନାଁରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡିବାରେ ସଫଳ ହୋଇଛନ୍ତି । ୧୯୮୯ ମସିହା ମାର୍ଚ୍ଚ ୮ରେ ପଞ୍ଜାବରେ ଜନ୍ମ ହୋଇଥିଲେ ହରମନପ୍ରିତ । ବାପା ଜଣେ ପୂର୍ବତନ ଖେଳାଳି, ଯାହାର ପ୍ରଭାବ ହରମନପ୍ରିତଙ୍କ ଉପରେ ରହିଥିଲା । ପଞ୍ଜାବରେ ନିଜର ଶିକ୍ଷା ଗ୍ରହଣ କରିଛନ୍ତି ହରମନପ୍ରିତ । ତେବେ ଗିଆନ ଜ୍ୟୋତି ସ୍କୁଲ ଏକାଡୋମୀରେ ଆଡମିଶନ ନେବାପରେ ତାଙ୍କର କ୍ରିକେଟ କ୍ୟାରିୟରର ଆରମ୍ଭ ହୋଇଥିଲା । ସେ ପ୍ରଥମରୁ ନିଜର କ୍ରିକେଟ ଟ୍ରେନିଂ କମଲଦିପ ସିଂ ସୋଢିଙ୍କ ଅଧୀନରେ ଆରମ୍ଭ କରିଥିଲେ । ସେ ନିଜର ଓଡିଆଇ ଡେବ୍ୟୁ ମାତ୍ର ୨୦ ବର୍ଷ ବୟସରେ କରିଥିଲେ । ପ୍ରଥମ ମ୍ୟାଚ ସେ ପାକିସ୍ତାନ ବିପକ୍ଷରେ ଖେଳିଥିଲେ । ସେ ଏହି ବିଶ୍ୱକପରେ ୬ଟି ମ୍ୟାଚରେ ଖେଳିଥିଲେ । ୨୦୦୯ରେ ସେ ନିଜର ଟି ଟ୍ୱେଣ୍ଟି ଇଣ୍ଟରନ୍ୟାସନାଲ ଡେବ୍ୟୁ କରିଥିଲେ । ୨୦୧୨ରେ ହରମନଙ୍କୁ ଏସିଆକପ ଫାଇନାଲରେ ଷ୍ଟାଣ୍ଡ ଇନ୍ କ୍ୟାପ୍ଟେନର ଭୂମିକା ମିଳିଥିଲା । ଯେଉଁଥିରେ ମିଥାଲି ରାଜ ଅଧିନାୟକ ଥିବାବେଳେ ଝୁଲନ ଗୋସ୍ୱାମୀ ଉପ ଅଧିନାୟକ ରହିଥିଲେ । ୨୦୧୩ରେ ତାଙ୍କୁ ଡବ୍ଲୁଓଡିଆଇ ଟିମର କ୍ୟାପ୍ଟେନ ଦାୟିତ୍ୱ ମିଳିଥିଲା । ସେତେବେଳେ ଦଳ ବାଙ୍ଗଲାଦେଶ ଟୁରରେ ଥିଲା । ୨୦୧୭ ମହିଳା କ୍ରିକେଟ ବିଶ୍ୱ କପରେ ସେ ଭାରତୀୟ ଦଳର ଅଂଶଥିଲେ । ଏହାପରେ ଅନେକ ଟୁରରେ ତାଙ୍କୁ ଦଳର ଅଧିନାୟକର ଦାୟିତ୍ୱ ଦିଆଯାଇଥିଲା । ସେହିଭଳି ଚଳିତ ୨୦୨୫ ବିଶ୍ୱକପରେ ମଧ ସେ ଅଧିନାୟିକତ୍ୱ କରୁଥିଲେ । ଯାହାଙ୍କ ଅଧିନରେ ଦଳ ଏହି ବିରାଟ ସଫଳତା ପ୍ରାପ୍ତ କରି ବିଶ୍ୱ ଚାମ୍ପିଅନ ହୋଇଛି ।